# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :2**

**CLASS :3**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ପଠନ କ୍ରିୟା,ଯୁକ୍ତାକ୍ଷର ଶବ୍ଦ,ଅଭ୍ୟାସ-୧**

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା |



# ଖରା ,ବର୍ଷା,ଶୀତ









ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

ODM EDUCATIONAL GROUP

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଝହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।



: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?



: ଶୀତଦିନେ ଅଧିକ ଥଣ୍ଡା ହୁଏ। ଆମେ ଶୀତପୋଷାକ ପିନ୍ଧୁ। ନିଆଁ ଜଳାଇ ତା' ପାଖରେ ବସୁ।



: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?



: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି।

# ଅଭ୍ୟାସ

## ୧। ଆସ ପଢ଼ିବା ଓ ଲେଖିବା ।

| | | |
|---|---|---|
| ମୁକ୍ତ ________ | ଡାକ୍ତର ________ | ହସ୍ତୀ ________ |
| ରକ୍ତ ________ | ଯୁକ୍ତାକ୍ଷର ________ | ହସ୍ତ ________ |
| ଭକ୍ତ ________ | ହସ୍ତାକ୍ଷର ________ | ଦସ୍ତା ________ |
| ଶକ୍ତି ________ | ପ୍ରାପ୍ତପତ୍ର ________ | ପ୍ରସ୍ତାବ ________ |
| ଯୁକ୍ତ ________ | ବଲ୍ଲକାପ୍ତା ________ | ପୁସ୍ତକ ________ |
| ବିଭକ୍ତ ________ | ସପ୍ତାହ ________ | ଶୂନ୍ୟହସ୍ତ ________ |
| ବିଦ୍ୟୁତ୍ ଶକ୍ତି ________ | ଦପ୍ତର ________ | ବିଶ୍ୱସ୍ତ ________ |
| ସପ୍ତଫେଣୀ ________ | ତୃପ୍ତପ୍ରାଣ ________ | ଆଶ୍ୱସ୍ତ ________ |

ODM EDUCATIONAL GROUP
Changing your Tomorrow
PATHAGARA.ODIAPORTAL.IN
By OdiaPortal.IN

# ଯୁକ୍ତାକ୍ଷର ଶବ୍ଦ

- ମୁକ୍ତାପୁର — ଛଟିନ୍ଦ୍ରା
- ଭକ୍ତବନ୍ଧୁ — କାଙ୍କଡ
- ଧନୀବ୍ୟକ୍ତି — ଭେଣ୍ଡି
- ସନ୍ଧ୍ୟା — ବସ୍ତା ବସ୍ତା
- ଅସ୍ତ — ଥଣ୍ଡା
- ସପ୍ତାହ — ଅଞ୍ଚଳ
- ସ୍କୁଲ — ପିନ୍ଧୁ
- କାଗଜଡଙ୍ଗା — ଆମ୍ବ

# ପ୍ରଶ୍ନ ଗୁଡିକର ଉତ୍ତର କୁହ ?

- ଗାଁ ଟିର ନାମ କଣ  ?
- କେଉଁ ଋତୁରେ ଗରମ ହୁଏ  ?
- କେଉଁ ଦିନେ ସୂର୍ଯ୍ୟ ଡେରିରେ ଅସ୍ତ ଯାଆନ୍ତି  ?
- ଆମ୍ବ ,ସପୁରି ଓ ପଣସ କେଉଁ ଋତୁରେ ସାଧାରଣତଃ ପାଚେ ?
- ସାଧାରଣତଃ କେଉଁ ଋତୁରେ ନଈବଢି ଦେଖାଦେଇଥାଏ  ?
- ବର୍ଷା ନ ହେଲେ କଣ ହେବ ବୋଲି ଜେଜେ କହିଲେ  ?
- ଆମେ ସ୍ୱେଟର , ମଫଲର କେଉଁ ଋତୁରେ ବ୍ୟବହାର କରିଥାଉ  ?

ଆମେ ସାଧାରଣତଃ କେଉଁ ଋତୁ ଅନୁଭବ କରୁ ଓ ସେଗୁଡିକ କଣ  ?

# ଗୃହକର୍ମ

ଅଭ୍ୟାସ-୧୨ କୁ ଖାତାରେ କର |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP